# ଡକ୍ଟର ଉପେନ୍ଦ୍ର ପ୍ରସାଦ ନାୟକ

ଜନ୍ମ: (୧୯୫୧-....) ମସିହା

ଜଣେ ଶିକ୍ଷାବିତ୍ ଏବଂ ଉତ୍ତମ ଚିକିତ୍ସକ ଭାବେ ସୁନାମ ଅର୍ଜନ କରିବା ସଙ୍ଗେ ସଙ୍ଗେ ଜଣେ ପ୍ରତିଭାଶାଳୀ କବି ଓ ନାଟ୍ୟକାର ଭାବେ ଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକ ବେଶ୍ ପ୍ରତିଷ୍ଠିତ ଓ ସୁପରିଚିତ । ଶ୍ରୀ ନାୟକଙ୍କର କବିତାର ଅଙ୍ଗ ଓ ଆତ୍ମା ଯେପରି ସ୍ୱଚ୍ଛ ସେହିପରି ପ୍ରଭାବଶାଳୀ । ତାଙ୍କର ପୁସ୍ତକ -

ପ୍ରୀତି ପ୍ରଣୟର କାବ୍ୟ, ସେବା ସକାଳର ଯାତ୍ରୀ

**ପ୍ରୀତି ପ୍ରଣୟର କାବ୍ୟ,** ପୃଷ୍ଠା- ୧୩୨, ପ୍ରକାଶକାଳ-୨୦୦୨, ମୂଲ୍ୟ: ଟ.୧୦୦/-

ଏହି ଗ୍ରନ୍ଥର କାବ୍ୟରେ କବି ଉପେନ୍ଦ୍ରଙ୍କ ରୋମାଣ୍ଟିକ୍ ଅନୁଭବ ଅତ୍ୟନ୍ତ ସଜୀବ ଭାବରେ ସୁନ୍ଦର ଲଳିତ ପଦାବଳୀରେ ରଚିତ ହୋଇଅଛି । କବିତା ଗୁଡ଼ିକର ଗୀତିମୟତା ଯେପରି ବେଶ୍ ଆବେଗଧର୍ମୀ ସେହିପରି ସଂଗୀତଧର୍ମୀ । ଓଡ଼ିଶାର ବହୁ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ବହୁ କବିତା ଦୂରଦର୍ଶନ ଓ ବେତାରରେ  ପ୍ରଚାରିତ ହୋଇଅଛି ।

**ସେବା ସକାଳର ଯାତ୍ରୀ,** ପୃଷ୍ଠା- ୧୦୪, ପ୍ରକାଶକାଳ-୨୦୦୬, ମୂଲ୍ୟ:ଟ.୯୦/-

"ଇନ୍ଦିରାଗାନ୍ଧୀ'' ଙ୍କ ମୃତ୍ୟୁ ଓ କର୍ଯ୍ୟାବଳୀ ସଂପର୍କରେ କେତେଗୁଡ଼ିଏ କବିତା ଏହି ଗ୍ରନ୍ଥରେ ସଂକଳିତ ହୋଇଅଛି । କବିତା ଗୁଡ଼ିକ ଯେପରି ସୁନ୍ଦର ଭାବେ ରଚିତ ତାହାର କରୁଣ ସ୍ପର୍ଶ ଓ ଆବେଗ ପାଠକଙ୍କୁ ଆଚ୍ଛନ୍ନ କରେ ।